# ପୌରପାଳିକା କାର୍ଯ୍ୟାଳୟ, ଅନୁଗୋଳ

ନଂ ୪୫୮ ତା 3/୨/୨୦୨୪

ଏତଦ୍ୱାରା ପୌରପାଳିକା ଅଞ୍ଚଳରେ ବାସ କରୁଥିବା ଅଧିବାସୀମାନଙ୍କୁ ଜଣାଇ ଦିଆଯାଉ ଅଛି ଯେ, ପୌରପାଳିକା ତରଫରୁ କଦମ ପଡିଆ ମାର୍କେଟ କମ୍ପ୍ଲେକ୍ସରେ ଉପର ମହଲାର ୧୦(ଦଶ) ଗୋଟି ଦୋକାନ ଘର ନମ୍ବର ୫୭ ଠାରୁ ୬୬ ପର୍ଯ୍ୟନ୍ତ ଦୋକାନ ଘର ନିଲାମ ଆକାରରେ ଆବଣ୍ଟନ କରାଯିବ । ଏଣୁ ଉକ୍ତ ଦୋକାନ ଘର ଗୁଡିକ ଆବଣ୍ଟନ କରାଯିବା ପାଇଁ ତା.୧୨.୦୨.୨୦୨୪ ରିଖ ଠାରୁ ତା.୨୭.୦୨.୨୦୨୪ ରିଖ ପର୍ଯ୍ୟନ୍ତ ଘ.୧୧.୦୦ ଠାରୁ ଘ.୫.୦୦ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଦିବସରେ ଆବେଦନ ପତ୍ର ନେଇ ପରିବେ ।ଏଣୁ ଇଚ୍ଛୁକ ବ୍ୟକ୍ତି ନିମ୍ନଲିଖିତ ସର୍ତ୍ତ ଅନୁସାରେ ପୌରପାଳିକାରୁ ଫର୍ମ ନେଇ ଆବେଦନ ତା.୨୮.୦୨.୨୦୨୪ ସୁଦ୍ଧା ଆବେଦନ କରିପାରିବେ । ପ୍ରକାଶ ଥାଉ କି ।

୧) ଆବେଦନକାରୀ ଅନୁଗୋଳ ପୌରପାଳିକାର ଅଧିବାସୀ ହୋଇଥିବା ଆବଶ୍ୟକ ।

୨) କାର୍ଯ୍ୟାଳୟରେ ଟ.୨୦୦୦.୦୦ଙ୍କା ଦାଖଲ କରି ଆବେଦନ ପତ୍ର ଗ୍ରହଣ କରିପାରିବେ ।ଉକ୍ତ ଅର୍ଥ ଫେରସ୍ତ ହେବ ନାହିଁ ।

୩) ଆବେଦନକାରୀ କାର୍ଯ୍ୟନିର୍ବାହୀ ଅଧିକାରୀ, ଅନୁଗୋଳ ପୌରପାଳିକା ନାମରେ ଟ.୫୦,୦୦୦.୦୦ଙ୍କା ର ବ୍ୟାଙ୍କ ଡ୍ରାଫ୍ଟ ଅମାନତ ଆକାରରେ ଦାଖଲ୍ କରିବେ । ଯେଉଁ ଆବେଦନକାରୀ ଦୋକାନ ଘର ପାଇବାରୁ ବଞ୍ଚିତ ହେବେ, ସେମାନଙ୍କୁ ବିନା ସୁଧରେ ଉକ୍ତ ଅର୍ଥ ଫେରସ୍ତ ଦିଆଯିବ ।ଏଥିସହିତ ଭୋଟ ପରିଚୟ ପତ୍ର/ ଆଧାର କାର୍ଡ ଏବଂ ଗୋଟିଏ ପାସପୋର୍ଟ ସାଇଜ ଫଟୋ ସଂଲଗ୍ନ କରିବା ଆବଶ୍ୟକ ନଚେତ୍ ଆବେଦନ ପତ୍ର ରଦ୍ଦ କରାଯିବ ।

୪) ଯେଉଁ ଆବେଦନକାରୀଙ୍କ ନାମରେ ଦୋକାନ ଗୃହ ଆବଣ୍ଟନ କରାଯିବ ପୌରପାଳିକାର ନିଷ୍ପତ୍ତି ଅନୁଯାଇ ଅମାନତ ଟଙ୍କା ଦୋକାନ ଘର ନିର୍ଦ୍ଧାରିତ ମୂଲ୍ୟ ବାବଦକୁ କାର୍ଯ୍ୟାଳୟରେ ପଇଠ କରିବେ ।

୫) ଆବେଦନକାରୀ ପୌର କର୍ତ୍ତୃପକ୍ଷଙ୍କୁ କୌଣସି କୋର୍ଟରେ ପକ୍ଷଭୁକ୍ତ କରିପାରିବେ ନାହିଁ ।

୬) ନିର୍ଦ୍ଧାରିତ ସମୟ ସୀମା ପରେ କୌଣସି ଆବେଦନ ପତ୍ରକୁ ବିଚାରକୁ ନିଆଯିବ ନାହିଁ ।

୭) ଏକ ଗୋଟି ଦୋକାନ ଘର ନିଲାମ ସର୍ବନିମ୍ନ ମୂଲ୍ୟ ଟ.୧୦, ୦୦,୦୦୦/-(ଦଶ ଲକ୍ଷ) ଙ୍କା ମାତ୍ର ଧାର୍ଯ୍ୟ କରାଯାଇ ଅଛି।

୮) ଯେଉଁ ବ୍ୟକ୍ତିଙ୍କ ନାମରେ ପୌରପାଳିକାରେ ଦୋକାନ ଗୃହ ଥିବ ସେହି ବ୍ୟକ୍ତି ଉକ୍ତ ଦୋକାନ ଗୃହ ପାଇଁ ଆବେଦନ କରିପାରିବେ ନାହିଁ ।

୯) କୌଣସି କାରଣ ନ ଦର୍ଶାଇ କୌଣସି ଆବେଦନ ପତ୍ର କିମ୍ବା ସମସ୍ତ ଆବେଦନ ପତ୍ର ଗୁଡିକୁ ନାକଚ କରିବା ସଙ୍ଗେ ସଙ୍ଗେ ଉକ୍ତ ବିଜ୍ଞାପନକୁ ରଦ୍ଦ କରିବାର ସମସ୍ତ ଅଧିକାର ପୌର କର୍ତ୍ତୃପକ୍ଷଙ୍କ ନିକଟରେ ସଂରକ୍ଷିତ ରହିବ ।

7/2/2024

କାର୍ଯ୍ୟନିର୍ବାହୀ ଅଧିକାରୀ
ପୌରପାଳିକା,ଅନୁଗଳ

ପରିପତ୍ର ସଂଖ୍ୟା ନଂ ୪୨୯ ତା ୭/୨/୨୦୨୪

ଏହାର ଏକକିତା ନକଲ ନିର୍ଦ୍ଦେଶକ ଗୃହ ଓ ନଗର ଉନ୍ନୟନ ବିଭାଗ ଭୁବନେଶ୍ୱରଙ୍କ ଅବଗତି ନିମନ୍ତେ ଜଣାଇ ଦିଆଗଲା ।

7/2/2024

କାର୍ଯ୍ୟନିର୍ବାହୀ ଅଧିକାରୀ
ପୌରପାଳିକା,ଅନୁଗୋଳ

ପରିପତ୍ର ସଂଖ୍ୟା ନଂ ୪୩୦(୧୧) ତା ୭/୨/୨୦୨୪

ଏହାର ଏକକିତା ନକଲ ଜିଲ୍ଲାପାଳ କାର୍ଯ୍ୟାଳୟ, ଅନୁଗୋଳ/ ଅତିରିକ୍ତ ଜିଲ୍ଲାପାଳ କାର୍ଯ୍ୟାଳୟ, ଅନୁଗୋଳ/ପ୍ରକଳ୍ପ ଅଧିକାରୀ (ସହରାଞ୍ଚଳ) କାର୍ଯ୍ୟାଳୟ, ଅନୁଗୋଳ/ ଉପଜିଲ୍ଲାପାଳ କାର୍ଯ୍ୟାଳୟ, ଅନୁଗୋଳ/ ନିର୍ବାହୀ ଯନ୍ତ୍ରୀ ପୂର୍ତ୍ତ ବିଭାଗ, ଅନୁଗୋଳ/ ନିର୍ବାହୀ ଯନ୍ତ୍ରୀ, ସେସୁ ବିଦ୍ୟୁତ କାର୍ଯ୍ୟାଳୟ, ଅନୁଗୋଳ/ ନିର୍ବାହୀ ଯନ୍ତ୍ରୀ, ଜଳସେଚନ ବିଭାଗ, ଅନୁଗୋଳ/ନିର୍ବାହୀ ଯନ୍ତ୍ରୀ,ଗ୍ରାମ୍ୟ ଉନ୍ନୟନ ବିଭାଗ,ଅନୁଗୋଳ/ ତହସିଲଦାର କାର୍ଯ୍ୟାଳୟ,ଅନୁଗୋଳ/ଡାମଡା କାର୍ଯ୍ୟାଳୟ,ଅନୁଗୋଳ ଏବଂ ପୌରପାଳିକା କାର୍ଯ୍ୟାଳୟ,ଅନୁଗୋଳର ନୋଟିସ ବୋର୍ଡରେ ବହୁଳ ପ୍ରସାର ପାଇଁ ଆପଣଙ୍କୁ ଅନୁରୋଧ କରାଗଲା ।

7/2/2024

କାର୍ଯ୍ୟନିର୍ବାହୀ ଅଧିକାରୀ
ପୌରପାଳିକା,ଅନୁଗୋଳ

ପରିପତ୍ର ସଂଖ୍ୟା ନଂ ୪୩୧ ତା ୭/୨/୨୦୨୪

ଏହାର ଏକକିତା ନକଲ ମୁଖ୍ୟ ଯନ୍ତ୍ରୀ ତଥା ଅତିରିକ୍ତ ଶାସନ ସଚିବ, ସୂଚନା ଓ ଲୋକ ସଂମ୍ପର୍କ ବିଭାଗ ଓଡିଶା, ଭୂବନେଶ୍ୱରଙ୍କ ଗୋଚରାର୍ଥେ ଜଣାଇ ଦିଆଗଲା ଏବଂ ଉକ୍ତ ନୋଟିସ୍ କୁ ୩ ଗୋଟି ଦୈନିକ ଏବଂ ୨ ଗୋଟି ଆଞ୍ଚଳିକ ଖବର କାଗଜରେ ଏକ ଦିନ ପାଇଁ ପ୍ରକାଶ ତଥା ବହୁଳ ପ୍ରସାର କରିବା ସଙ୍ଗେ ସଙ୍ଗେ ଆବଶ୍ୟକ ବିଲ୍ ପଇଠ କରିବାକୁ ଅନୁରୋଧ କରାଗଲା ।

7/2/2024

କାର୍ଯ୍ୟନିର୍ବାହୀ ଅଧିକାରୀ
ପୌରପାଳିକା,ଅନୁଗୋଳ

ପରିପତ୍ର ସଂଖ୍ୟା ନଂ ୪୩୨ ତା ୭/୨/୨୦୨୪

ଏହାର ଏକକିତା ନକଲ ଜାତୀୟ ସୂଚନା କେନ୍ଦ୍ର ଅଧିକାରୀ, ଅନୁଗୋଳ ବିହିତ ଅବଗତି ଏବଂ ବହୁଳ ପ୍ରସାର କରିବା ନିମ୍ନନ୍ତେ ଅନୁରୋଧ କରାଗଲା ।

7/2/2024

କାର୍ଯ୍ୟନିର୍ବାହୀ ଅଧିକାରୀ
ପୌରପାଳିକା,ଅନୁଗୋଳ

ପରିପତ୍ର ସଂଖ୍ୟା ନଂ ୪୩୩ ତା ୭/୨/୨୦୨୪

ଏହାର ଏକକିତା ନକଲ ବିଦ୍ୟୁତ ବିଭାଗ ପୌରପାଳିକା, ଅନୁଗୋଳ ପୌରାଞ୍ଚଳରେ ୭ ଦିନ ପାଇଁ ବହୁଳ ପ୍ରଚାର କରିବା ନିମ୍ନନ୍ତେ ଜଣାଇ ଦିଆଗଲା ।

7/2/2024

କାର୍ଯ୍ୟନିର୍ବାହୀ ଅଧିକାରୀ
ପୌରପାଳିକା,ଅନୁଗୋଳ